ସ୍ୱାଗତଂ ଓଡ଼ିଶା

# ଡୁମାଣୀ ଖବର

Dumani Khabar (Odia Daily)

R.N.I. Regd. No. ODIODI/2020/78914
P.O. Regd. No. : BN/290/23-25

Visit us: www.dumanikhabar.in • e-paper.dumanikhabar.in

DUMANI TV — Follow us: Facebook YouTube Twitter

ବର୍ଷ-୫ | ସଂଖ୍ୟା-୩୬୪ | ଶନିବାର | ୨୨ ମାର୍ଚ୍ଚ ୨୦୨୫ | ଭୁବନେଶ୍ୱର | ପୃଷ୍ଠା ସଂଖ୍ୟା-୮ | ମୂଲ୍ୟ : ୨.୦୦ | Vol-5 | Issue-364 | Saturday | 22 March 2025 | Bhubaneswar | Pages-8 | Rs. 2.00

## '୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ନକ୍ସଲବାଦ ମୁକ୍ତ ହେବ ଭାରତ'

### ରାଜ୍ୟସଭାରେ ସମ୍ବୋଧନ ବେଳେ ଗୃହମନ୍ତ୍ରୀଙ୍କ ପ୍ରତିଶ୍ରୁତି



ନୂଆଦିଲ୍ଲୀ, ୨୧।୩ (ହି.ସ): ଗୃହମନ୍ତ୍ରୀ ଅମିତ ଶାହ ଶୁକ୍ରବାର ରାଜ୍ୟସଭାରେ ସମ୍ବୋଧିତ କରିଛନ୍ତି। ଗୃହ ମନ୍ତ୍ରଣାଳୟର କାର୍ଯ୍ୟପ୍ରଣାଳୀ ଉପରେ ଆଲୋଚନା କରିବା ସମୟରେ ସେ କହିଛନ୍ତି ଯେ, ଗତ ୧୦ ବର୍ଷ ମଧ୍ୟରେ ଦେଶରେ ଏପରି କାମ ହୋଇଛି ଯାହା ସ୍ୱାଧୀନତା ପରଠାରୁ ହୋଇନଥିଲା। ଏହି ସମୟରେ, ଗୃହମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ଯେ, ୩୧ ମାର୍ଚ୍ଚ ୨୦୨୬ ସୁଦ୍ଧା ଦେଶକୁ ନକ୍ସଲବାଦ ଠାରୁ ମୁକ୍ତ କରାଯିବ। ଏକ ପୁରୁଣା ଘଟଣାକୁ ମନେ ପକାଇ ସେ କହିଛନ୍ତି ଯେ, ଗୋଟିଏ ସମୟରେ ତାଙ୍କୁ ଲାଲ ଚୌକରେ ତ୍ରିରଙ୍ଗା ଉତ୍ତୋଳନ କରିବାକୁ ଅନୁମତି ମିଳିନଥିଲା, କିନ୍ତୁ ବିଜେପି ସରକାର କ୍ଷମତାକୁ ଆସିବା ପରେ ପ୍ରତିବର୍ଷ ଲାଲ ଚୌକରେ ତ୍ରିରଙ୍ଗା ଉତ୍ତୋଳନ କରାଯାଉଛି। କାଶ୍ମୀରରୁ ଧାରା ୩୭୦ ହଟାଇବା ସମ୍ପର୍କରେ ସେ କହିଛନ୍ତି ଯେ, ଏହି ନିଷ୍ପତ୍ତି ଭୋଟ ବ୍ୟାଙ୍କ ପାଇଁ ନୁହେଁ ବରଂ ଦେଶର ସୁରକ୍ଷା ଏବଂ ଏକତା ପାଇଁ ନିଆଯାଇଛି। ମୋଦି ସରକାର କାଶ୍ମୀରକୁ ଭାରତର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବା ପାଇଁ କାର୍ଯ୍ୟ କରିଛନ୍ତି। ରାଜ୍ୟସଭାରେ ଭାଷଣ ଦେଇ ଗୃହମନ୍ତ୍ରୀ ଅମିତ ଶାହ କହିଛନ୍ତି, ୨୧ ଜଣ ସଦସ୍ୟ ଏଠାରେ ସେମାନଙ୍କର ମତାମତ ପ୍ରସ୍ତୁତ କରିଥିଲେ। ଗୋଟିଏ ପକ୍ଷରେ, ଗୃହ ମନ୍ତ୍ରଣାଳୟର କାର୍ଯ୍ୟର ବିଭିନ୍ନ କାର୍ଯ୍ୟକୁ ଘୋଡାଇ ଦେବାର ପ୍ରୟାସ କରାଯାଇଥିଲା। ସର୍ବପ୍ରଥମେ, ମୁଁ ହଜାର ହଜାର ରାଜ୍ୟ ପୋଲିସ ଏବଂ କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀର କର୍ମଚାରୀଙ୍କ ପ୍ରତି ମୋର କୃତଜ୍ଞତା ଜଣାଉଛି, ଯେଉଁମାନେ ଦେଶର ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ସୀମାକୁ ସୁଦୃଢ଼ କରିବା ପାଇଁ ସର୍ବୋଚ୍ଚ ବଳିଦାନ ଦେଇଛନ୍ତି। ଅମିତ ଶାହ କହିଛନ୍ତି ଯେ ପୂର୍ବ ସରକାର ଦୁର୍ନୀତି ବନ୍ଦ କରିବାକୁ ଚାହୁଁ ନଥିଲେ। ଏହି ସମୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁର୍ନୀତି ବିରୁଦ୍ଧରେ ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରନ୍ତି। ଗୃହମନ୍ତ୍ରୀ ଅମିତ ଶାହ ରାଜ୍ୟସଭାରେ ପ୍ରତିଶ୍ରୁତି ଦେଇଛନ୍ତି ଯେ, ଦେଶ ୩୧ ମାର୍ଚ୍ଚ, ୨୦୨୬ରେ ନକ୍ସଲବାଦ ମୁକ୍ତ ହେବ। ସେ କହିଛନ୍ତି ଯେ ନକ୍ସଲବାଦ ଏକ ରାଜନୈତିକ ସମସ୍ୟା ନୁହେଁ। ଏହାକୁ ସମାପ୍ତ କରିବା ଜରୁରୀ ଏବଂ ଭାରତ ସରକାର ଏହାକୁ ଗୋଟିଏ ବର୍ଷ ମଧ୍ୟରେ ସମାପ୍ତ କରିବେ। ସେ କହିଛନ୍ତି ଯେ ସରକାର ନକ୍ସଲ ପ୍ରଭାବିତ ଅଞ୍ଚଳରେ ବିକାଶ କରୁଛନ୍ତି, ଯାହା ଦ୍ୱାରା ସେଠାକାର ଲୋକମାନେ ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ। ଉତ୍ତର-ପୂର୍ବର ସମସ୍ୟା ମଧ୍ୟ ଶେଷ ହେବାକୁ ଯାଉଛି, ଦେଶରେ ହିଂସାତ୍ମକ ଘଟଣାରେ ୭୦ ପ୍ରତିଶତ ହ୍ରାସ ଘଟିଛି। ଆତଙ୍କବାଦ ଏବଂ ଜମ୍ମୁ-କଶ୍ମୀର ସମ୍ପର୍କରେ ଅମିତ ଶାହ କହିଛନ୍ତି କି, ମୋଦି ସରକାରଙ୍କ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ନୀତି ରହିଛି। ପୂର୍ବରୁ, ଆତଙ୍କବାଦୀ ଆକ୍ରମଣ ପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନଥିଲା ଏବଂ ଲୋକମାନେ ସେଗୁଡ଼ିକୁ ଭୁଲି ଯାଇଥିଲେ। ଉରି ଏବଂ ପୁଲଓ୍ୱାମାରେ ମଧ୍ୟ ଆତଙ୍କବାଦୀ ଆକ୍ରମଣ ହୋଇଥିଲା, କିନ୍ତୁ ଆମେ ୧୦ ଦିନ ମଧ୍ୟରେ ପାକିସ୍ତାନ ବିରୁଦ୍ଧରେ ସର୍ଜିକାଲ ଷ୍ଟ୍ରାଇକ୍ ଏବଂ ଏୟାର ଷ୍ଟ୍ରାଇକ୍ କରିଥିଲୁ। ସେ କହିଛନ୍ତି ଯେ ୨୦୧୯ରୁ ୨୦୨୪ ମଧ୍ୟରେ ଜମ୍ମୁ ଏବଂ କାଶ୍ମୀରରେ ୪୦ ହଜାର ସରକାରୀ ଚାକିରି ଯୋଗାଇ ଦିଆଯାଇଛି। ୧.୫୧ ଲକ୍ଷ ଆତ୍ମନିଯୁକ୍ତି ସୃଷ୍ଟି • ପୃଷ୍ଠା ୭ ଦେଖନ୍ତୁ...

### ରାଜ୍ୟ କ୍ୟାବିନେଟରେ ୧୦ ପ୍ରସ୍ତାବ ଉପରେ ମୋହର

## ଆୟୁଷ୍ମାନ ଭାରତକୁ ମଞ୍ଜୁରୀ




ଭୁବନେଶ୍ୱର, ୨୧।୩ (ଡିକେ ନ୍ୟୁଜ୍): ଗୁରୁବାର ୨୦୨୫ ମାର୍ଚ୍ଚ ୨୦ ତାରିଖରେ ରାଜ୍ୟ କ୍ୟାବିନେଟର ୧୬ତମ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୭ଟି ବିଭାଗ ଯଥା:- ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଇସ୍ପାତ ଓ ଖଣି, ପୂର୍ତ୍ତ, ସାଧାରଣ ପ୍ରଶାସନ, ଜଳ ସଂପଦ, ପଞ୍ଚାୟତିରାଜ ଓ ପାନୀୟଜଳ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୧୦ଟି ପ୍ରସ୍ତାବ ଅନୁମୋଦନ ଲାଭ କରିଛି। କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତି ସମ୍ପର୍କରେ ବିଧାନ ସଭା ଗୃହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଓଡିଶାର ଜନସାଧାରଣଙ୍କ ପାଇଁ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଏବଂ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନାକୁ ମିଳିତ ଭାବେ ଲାଗୁ କରିବା ପାଇଁ ରାଜ୍ୟ ସରକାର ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହ ବୁଝାମଣା ପତ୍ର ସ୍ୱାକ୍ଷର କରିଛନ୍ତି। ଏହି ନୂଆ ସମନ୍ୱିତ ଯୋଜନାରେ ପ୍ରାୟ ୧.୦୩ କୋଟି ପରିବାରର ୩.୪୬ କୋଟି ହିତାଧିକାରୀ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଓ ମହିଳା ସଦସ୍ୟ ମାନେ ଅତିରିକ୍ତ ୫ ଲକ୍ଷ ଟଙ୍କାର ଦେୟ ମୁକ୍ତ ଚିକିତ୍ସା ସୁବିଧା ପାଇବେ । ଏହା ସହ, ୭୦ ବର୍ଷ ବା ତଦୁର୍ଦ୍ଧ୍ୱ ବୟସ୍କ, ଆର୍ଥିକ ବର୍ଗ ନିର୍ବିଶେଷରେ, ସମସ୍ତ ବ୍ୟକ୍ତି ମାନଙ୍କ ପାଇଁ 'ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନା' ଲାଗୁ କରାଯିବ। ଏହା ଦ୍ୱାରା ସେମାନେ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କାର ଦେୟ ମୁକ୍ତ ଚିକିତ୍ସା ପାଇ ପାରିବେ । ଆୟୁଷ୍ମାନ ବୟୋ-ବନ୍ଦନା ଯୋଜନାରେ ୭୦ ବର୍ଷ ବା ତଦୁର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ସାରା ଦେଶର ୨୯ ହଜାର ତାଲିକାଭୁକ୍ତ ଘରୋଇ ଏବଂ ସରକାରୀ ହସ୍ପିଟାଲରେ ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ମୂଲ୍ୟର ଦେୟମୁକ୍ତ ଚିକିତ୍ସା ପାଇପାରିବେ। ଓଡ଼ିଶାର ଅଧିକ ୬ ଲକ୍ଷ ନୂଆ ହିତାଧିକାରୀ ଏଥିରେ ସାମିଲ ହେବାର ଆଶା କରାଯାଉଛି। ସୂଚନାଯୋଗ୍ୟ ଯେ, ରାଜ୍ୟର ସବୁ ସରକାରୀ ଡାକ୍ତରଖାନାରେ ସମସ୍ତ ନାଗରିକମାନଙ୍କ ପାଇଁ ଦେୟମୁକ୍ତ ଚିକିତ୍ସା ବର୍ତମାନ ପରି ଚାଲୁରହିବ । ରାଜ୍ୟ କ୍ୟାବିନେଟ୍ ୨୦୨୫-୨୬ ରୁ ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୨୭ ହଜାର ୧୯ କୋଟି ୨୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ଅନୁମୋଦନ କରିଛନ୍ତି । ୨. ଖଣି କାର୍ଯ୍ୟ ଯୋଗୁଁ ଖଣି ଅଞ୍ଚଳରେ କ୍ଷତିଗ୍ରସ୍ତ ପରିବାରକୁ ଆଶ୍ୱସ୍ତି ଦେବା ପାଇଁ ଓଡ଼ିଶା ଜିଲ୍ଲା ଖଣିଜ ଫାଉଣ୍ଡେସନ ନିୟମ-୨୦୧୫ ପ୍ରଣୟନ କରାଯାଇଥିଲା । କେନ୍ଦ୍ର ସରକାର ପ୍ରଚଳିତ ଡିଏମଏଫ୍ ନିୟମରେ ଆବଶ୍ୟକ ସଂଶୋଧନ କରିଛନ୍ତି । ଏହି ସଂଶୋଧନରେ ଅନେକ ନୂତନ କାର୍ଯ୍ୟକଳାପ ଅନ୍ତର୍ଭୁକ୍ତ ହୋଇଛି ଯାହା ଏ ପର୍ଯ୍ୟନ୍ତ ଉପଲବ୍ଧ ନଥିଲା । ପ୍ରଭାବିତ ଅଂଚଳରେ କାର୍ଯ୍ୟ ତାଲିକା କେବଳ ଡିଏମଏଫ୍ ଟ୍ରଷ୍ଟ ନିର୍ଦ୍ଧାରଣ କରିବ ଏବଂ ଏହାକୁ ଅନ୍ୟ କେହି ନିର୍ଦ୍ଧାରଣ କିମ୍ବା ହସ୍ତକ୍ଷେପ କରିପାରିବେ ନାହିଁ । ସଂଶୋଧିତ ନିୟମାବଳୀ ଅନୁସାରେ ସିଧାସଳଖ ପ୍ରଭାବିତ ଅଞ୍ଚଳ ସୀମା ୧୦ କିଲୋମିଟରରୁ ବୃଦ୍ଧି କରି ୧୫ କିଲୋମିଟରକୁ କରାଯାଇଛି। ସେହିପରି ପରୋକ୍ଷ ପ୍ରଭାବିତ ଅଞ୍ଚଳର ସର୍ବାଧିକ ସୀମା ୨୫ କିଲୋମିଟରରେ ସୀମିତ ରଖାଯାଇଛି । ଏହି ପାଣ୍ଠି ସେହି ଲୋକମାନଙ୍କ ପାଇଁ ବ୍ୟବହୃତ ହେବ, ଯେଉଁମାନେ ପ୍ରକୃତରେ ଖଣି ସମ୍ବନ୍ଧୀୟ କାର୍ଯ୍ୟ ଯୋଗୁଁ ପ୍ରତିକୂଳ ଭାବେ ପ୍ରଭାବିତ ହୁଅନ୍ତି ।କ୍ୟାବିନେଟ୍ ଏହି ସନ୍ଦର୍ଭରେ ଏକ ଗୁରୁତ୍ୱପୂର୍ଣ ନିଷ୍ପତ୍ତି ନେଇଛନ୍ତି। ଖଣି-ଖାଦାନ ସୀମାଠାରୁ ପାଞ୍ଚ କିଲୋମିଟର ଅଞ୍ଚଳ ମଧ୍ୟରେ ଡିଏମଏଫ୍ ପାଣ୍ଠି ଦ୍ୱାରା ସ୍ଥିର କରାଯାଇଥିବା ସମସ୍ତ ଉନ୍ନୟନମୂଳକ ଏବଂ କଲ୍ୟାଣମୂଳକ କାର୍ଯ୍ୟ ସାଚ୍ୟୁରେସନ୍ ମୋଡ୍ ରେ କରାଯିବ । ୩. ଆମ ସରକାର ଗତକାଲି କ୍ୟାବିନେଟ ରେ ଗୋଟିଏ ଐତିହାସିକ ନିଷ୍ପତି ନେଇଛନ୍ତି । ଓଡ଼ିଶା ବେସାମରିକ ସେବା (ଥଇଥାନ ସହାୟତା) ନିୟମ, ୨୦୨୦ ଆରମ୍ଭ ହେବା ତାରିଖ ପୂର୍ବରୁ, ଥଇଥାନ ସହାୟତା ସମ୍ବନ୍ଧିତ ସମସ୍ତ ବିଚାରାଧୀନ ଆବେଦନ ୧୯୯୦ରେ ପ୍ରଚଳିତ ନିୟମ ଅନୁଯାୟୀ ବିଚାର କରାଯିବ। ଏହାଦ୍ୱାରା ୨୦୨୦ ମସିହାର ନିୟମ ଲାଗୁହେବା ପୂର୍ବରୁ ଯେଉଁ କର୍ମଚାରୀଙ୍କ ମୃତ୍ୟୁ ଘଟିଛି, ସେମାନଙ୍କ ପରିବାର ପାଇଁ ୧୯୯୦ ନିୟମ ଲାଗୁହେବ ଏବଂ ଥଇଥାନ ସହାୟତା ଯୋଜନାରେ ୧୯୯୦ ନିୟମ ଅନୁଯାୟୀ ନିଯୁକ୍ତି ପ୍ରଦାନ କରାଯିବ । ଏହା ଦ୍ୱାରା ଅନେକ ପରିବାର ଆଶ୍ୱସ୍ତି ପାଇବେ ଏବଂ ହାଇକୋର୍ଟ ଓ ସୁପ୍ରିମ୍ କୋର୍ଟରେ ବିଚାରାଧୀନ ଥିବା ଅନେକ ମାମଲା ହ୍ରାସ ପାଇବ। ୪. ରାଜ୍ୟ କ୍ୟାବିନେଟ ଗତକାଲି 'ଓଡ଼ିଶା ରାଜ୍ୟ ସଡ଼କ ନୀତି ୨୦୨୫'ର ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି । ଓଡ଼ିଶା ରାଜ୍ୟ ସଡ଼କ ନୀତି ୨୦୨୫ର କେତେକ ପ୍ରମୁଖ ବୈଶିଷ୍ଟ୍ୟ ଗୁଡ଼ିକ ହେଉଛି- :(କ) ରାସ୍ତା ଗୁଡ଼ିକର ଆନ୍ତଃ-ବିଭାଗୀୟ ହସ୍ତାନ୍ତର ପାଇଁ ନିର୍ଦ୍ଦେଶାବଳୀ ନିର୍ଣ୍ଣୟ ।(ଖ) ରାସ୍ତା ଭିତ୍ତିଭୂମି ପରିଚାଳନା ପାଇଁ ପର୍ଯ୍ୟାପ୍ତ ଏବଂ ସ୍ଥାୟୀ ପାଣ୍ଠି ଯୋଗାଇବା ଏବଂ ରାସ୍ତା ଭିତ୍ତିଭୂମିର ରକ୍ଷଣାବେକ୍ଷଣ ।(ଗ) ଦୁର୍ଘଟଣା ଏବଂ ମୃତ୍ୟୁହାର ହ୍ରାସ କରିବା ପାଇଁ ସଡ଼କ ନେଟୱାର୍କର ସୁରକ୍ଷାର ଉନ୍ନତିକରଣ ।(ଘ) ଯୋଜନା, • ପୃଷ୍ଠା ୭ ଦେଖନ୍ତୁ...

## ଜଷ୍ଟିସ ହରିଶ ଟଣ୍ଡନ ଓଡ଼ିଶା ହାଇକୋର୍ଟ ମୁଖ୍ୟ ବିଚାରପତି ନିଯୁକ୍ତ



ଭୁବନେଶ୍ୱର, ୨୧।୩ (ପିଆଇବି): ଜଷ୍ଟିସ୍ ହରିଶ ଟଣ୍ଡନ ଓଡ଼ିଶାର ନୂଆ ମୁଖ୍ୟ ବିଚାରପତି। ଖୁବଶୀଘ୍ର ସମ୍ଭାଳିବେ ଦାୟିତ୍ୱ। ସୁପ୍ରିମକୋର୍ଟ କଲେଜିୟମ ପକ୍ଷରୁ ସୁପାରିସ୍ ପରେ ନିଯୁକ୍ତ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ବର୍ତ୍ତମାନ କୋଲକାତା ହାଇକୋର୍ଟରେ ବିଚାରପତି ପଦରେ ଅଛନ୍ତି ଜଷ୍ଟିସ ଟଣ୍ଡନ। ୧୯ ଜାନୁଆରୀ ୨୦୨୫ରେ ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହଙ୍କ ଅବସର ପରେ ଖାଲି ପଡ଼ିଥିବା ପଦବୀ ପାଇଁ ଏହି ସୁପାରିଶ କରାଯାଇଥିଲା। ସୂଚନା ମୁତାବକ, ୨୦୧୦ ମସିହା ଏପ୍ରିଲ ୧୩ ତାରିଖରୁ ହରିଶ ଟଣ୍ଡନ କୋଲକାତା ହାଇକୋର୍ଟର ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ। ସର୍ବଭାରତୀୟ ହାଇକୋର୍ଟ ବିଚାରପତିଙ୍କ ବରିଷ୍ଠତା ତାଲିକାରେ ଜଷ୍ଟିସ ହରିଶ ୭ମ ସ୍ଥାନରେ • ପୃଷ୍ଠା ୭ ଦେଖନ୍ତୁ...

## ଦେଶର ୧ ବିଲିୟନ ଟନ୍ କୋଇଲା ଉତ୍ପାଦନର ଐତିହାସିକ ସଫଳତାକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୧।୩ (ପିଆଇବି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତର ୧ ବିଲିୟନ ଟନ୍ କୋଇଲା ଉତ୍ପାଦନର ଐତିହାସିକ ସଫଳତାକୁ ପ୍ରଶଂସା କରିଛନ୍ତି, ଯାହା ଶକ୍ତି ସୁରକ୍ଷା, ଆର୍ଥିକ ଅଭିବୃଦ୍ଧି ଏବଂ ଆତ୍ମନିର୍ଭରଶୀଳତା ପ୍ରତି ଦେଶର ଗୁରୁତ୍ୱପୂର୍ଣ୍ଣ ପ୍ରତିବଦ୍ଧତାକୁ ଦର୍ଶାଉଛି । ଶ୍ରୀ ମୋଦି ଏହି ସଫଳତାକୁ ପ୍ରଶଂସା କରି "ଏହାକୁ ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ" ବୋଲି ଅଭିହିତ କରିଛନ୍ତି ଏବଂ ଏହି କ୍ଷେତ୍ର ସହିତ ଜଡିତ ଲୋକମାନଙ୍କର ନିରନ୍ତର ସମର୍ପଣ ଏବଂ କଠିନ ପରିଶ୍ରମକୁ ପ୍ରଶଂସା କରିଛନ୍ତି । କେନ୍ଦ୍ର କୋଇଲା ଏବଂ ଖଣି ମନ୍ତ୍ରୀ ଶ୍ରୀ ଜି କିଶନ ରେଡ୍ଡୀ ଏକ ଏକ୍ସ ପୋଷ୍ଟରେ ସୂଚନା ଦେଇଛନ୍ତି ଯେ, ଭାରତ ୧ ବିଲିୟନ ଟନ୍ କୋଇଲା ଉତ୍ପାଦନର ଐତିହାସିକ ଆକଳନ ଅତିକ୍ରମ କରିଛି । କେନ୍ଦ୍ର ମନ୍ତ୍ରୀଙ୍କ ଏକ୍ସ ପୋଷ୍ଟ ଉପରେ ପ୍ରତିକ୍ରିୟା ଦେଇ ଶ୍ରୀ ମୋଦୀ ଲେଖିଛନ୍ତି; "ଭାରତ ପାଇଁ ଏକ ଗର୍ବର ମୁହୂର୍ତ୍ତ! ୧ ବିଲିୟନ ଟନ୍ କୋଇଲା ଉତ୍ପାଦନର ମାଇଲଖୁଣ୍ଟ ଅତିକ୍ରମ କରିବା ଏକ ଉଲ୍ଲେଖନୀୟ ସଫଳତା, ଯାହା ଶକ୍ତି ସୁରକ୍ଷା, ଆର୍ଥିକ ଅଭିବୃଦ୍ଧି ଏବଂ ଆତ୍ମନିର୍ଭରଶୀଳତା ପ୍ରତି ଆମର ପ୍ରତିବଦ୍ଧତାକୁ ଦର୍ଶାଉଛି । ଏହି ଉପଲବ୍ଧି ଏହି କ୍ଷେତ୍ର ସହିତ ଜଡିତ ସମସ୍ତ ଲୋକଙ୍କ ସମର୍ପଣ ଏବଂ କଠିନ ପରିଶ୍ରମକୁ ମଧ୍ୟ ପ୍ରତିଫଳିତ କରୁଛି ।"

## ୨୩ ତାରିଖ ସକାଳ ଯାଏଁ ରାଜ୍ୟର କେତେକ ସ୍ଥାନରେ ଘଡ଼ଘଡ଼ି ସାଙ୍ଗକୁ ଭୀଷଣ ବର୍ଷା



ଭୁବନେଶ୍ୱର, ୨୧।୩ (ଡିକେ ନ୍ୟୁଜ୍): ରାଜ୍ୟରେ ତାତି କମାଇବ କାଳବୈଶାଖୀ ବର୍ଷା । ଆଜି ଠାରୁ ଆସନ୍ତା ୨୩ ତାରିଖ ସକାଳ ଯାଏଁ ରାଜ୍ୟର କେତେକ ସ୍ଥାନରେ ଘଡ଼ଘଡ଼ି ସାଙ୍ଗକୁ ଭୀଷଣ ବର୍ଷା, ପବନ ଓ କୁଆପଥର ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ଚେତାବନୀ ଜାରି ହୋଇଛି । ସେହିପରି ୨୩ ଓ ୨୪ ତାରିଖରେ ରାଜ୍ୟର କେତେକ ସ୍ଥାନରେ କୋହଲା ପବନ ସାଙ୍ଗକୁ ବଜ୍ରପାତ ନେଇ ଚେତାବନୀ ଜାରି କରିଛି ପାଣିପାଗ ବିଭାଗ । ଏନେଇ ଆସନ୍ତା ୨୪ ଘଂଟା ପାଇଁ ୯ ଜିଲ୍ଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଦେବଗଡ଼, ଝାରସୁଗୁଡ଼ା, ସମ୍ବଲପୁର, ସୁନ୍ଦରଗଡ଼, ବରଗଡ଼କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ୧୧ ଜିଲ୍ଲା କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳ, ଅନୁଗୁଳ, ବୌଦ୍ଧ, ସୋନପୁର, କନ୍ଧମାଳ, ବଲାଙ୍ଗିର, ନୂଆପଡ଼ା, କଳାହାଣ୍ଡି, ନବରଙ୍ଗପୁରକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ମଧ୍ୟରୁ କିଛି ସ୍ଥାନରେ କୋହଲା ପବନ ସାଙ୍ଗକୁ ବଜ୍ରପାତ ଓ କୁଆପଥର ବୃଷ୍ଟି ହୋଇପାରେ । ଏହି ସମୟରେ ସେଠାରେ ପବନର ବେଗ ଘଂଟା ପ୍ରତି ୫୦ରୁ ୬୦ କି.ମି. ରହିପାରେ । ଭୀଷଣ ବର୍ଷା ନେଇ ୩ ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର, ଝାରସୁଗୁଡ଼ାକୁ ଚେତାବନୀ ରହିଛି । ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକରେ କୋହଲା ପବନ ସାଙ୍ଗକୁ ବଜ୍ରପାତ ହୋଇପାରେ । ଏହି ସମୟରେ ସେଠାରେ ପବନର ବେଗ ଘଂଟା ପ୍ରତି ୪୦ରୁ ୫୦ କି.ମି. ରହିପାରେ ।ସେହିପରି ୨୨ ତାରିଖ ପାଇଁ ୧୨ ଜିଲ୍ଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, କଟକ, ଯାଜପୁର, ଢେଙ୍କାନାଳ, କେନ୍ଦୁଝର, ଅନୁଗୁଳ, ଦେବଗଡ଼, ସୁନ୍ଦରଗଡ଼କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ଅନ୍ୟ ୧୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଭୀଷଣ ବର୍ଷା ନେଇ ୪ ଜିଲ୍ଲା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, କେନ୍ଦୁଝରକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ଏହି ସମୟରେ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ମଧ୍ୟରୁ କେତେକ ସ୍ଥାନରେ ପବନର ବେଗ ଘଂଟା ପ୍ରତି ୫୦ରୁ ୬୦ କି.ମି. ରହିପାରେ । ୟେଲୋ ୱାର୍ଣ୍ଣିଂ ଜାରି ହୋଇଥିବା ଜିଲ୍ଲା ଗୁଡିକ ମଧ୍ୟରୁ କେତେକ ସ୍ଥାନରେ ପବନର ବେଗ • ପୃଷ୍ଠା ୭ ଦେଖନ୍ତୁ...

## ପ୍ରଶ୍ନ ଘେରରେ ବିଚାରପତି ! ଜଜଙ୍କ ଘରୁ ମିଳିଲା ପୁଳାପୁଳା ଟଙ୍କା



ପ୍ରୟାଗରାଜ, ୨୧।୩ (ହି.ସ): ସରକାରୀ କର୍ମଚାରୀ, ରାଜନେତା ଓ ବଡ଼ବଡ଼ ବ୍ୟବସାୟୀଙ୍କ ଘରୁ ଅଘୋଷିତ ଟଙ୍କା ମିଳିବାର ନିଜର ରହିଛି। ହେଲେ ଦେଶ ଇତିହାସରେ ପ୍ରଥମଥର ପାଇଁ ନ୍ୟାୟର ମନ୍ଦିର କୁହାଯାଉଥିବା ନ୍ୟାୟପାଳିକାର ଜଣେ ବିଚାରପତିଙ୍କ ଘରୁ ମିଳିଛି ଆଖି ଲାଗି ଯିବା ଭଳି ନଗଦ ଟଙ୍କା। ବିଚାରପତିଙ୍କ ଘରେ ନିଆଁ ଲାଗିବା ଯୋଗୁ ଏତେ ପରିମାଣର ନଗଦ ଟଙ୍କା ସମ୍ପର୍କରେ ପୋଲିସ ଓ ଅଗ୍ନିଶମ ବାହିନୀ ହାତରେ ଲାଗିଛି। ସବୁଆଡୁ ନିରାଶ ହେବା ପରେ ଜଣେ ସାଧାରଣ ଲୋକ ନ୍ୟାୟ ପାଇଁ ବିଚାରପତିଙ୍କ ଦ୍ୱାରସ୍ଥ ହୁଏ। କିନ୍ତୁ ଲୋକଙ୍କୁ ନ୍ୟାୟ ଦେବାକୁ ବସିଥିବା ବିଚାରପତିଙ୍କ ଘରୁ ଅଘୋଷିତ ଟଙ୍କା ବିଡ଼ା ମିଳିବା ନ୍ୟାୟପାଳିକାର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ଛିଡ଼ା କରିଛି। ଲୋକେ କୁହନ୍ତି, ନେତା, ମନ୍ତ୍ରୀ, ପୋଲିସ ଓ ପ୍ରଶାସନିକ ଅଧିକାରୀ ଦୁର୍ନୀତି ଗ୍ରସ୍ତ ହୋଇ ପାରନ୍ତି। ହେଲେ ବିଚାରପତି ସବୁବେଳେ ନିରପେକ୍ଷ। ସେ ନ୍ୟାୟର ଦେବତା। କିନ୍ତୁ ଏହି ଧାରଣା ଜଷ୍ଟିସ ଯଶବନ୍ତ ବର୍ମାଙ୍କ କ୍ଷେତ୍ରରେ ସତେ ଯେମିତି ବଦଳି ଯାଇଛି। ଦିଲ୍ଲୀ ହାଇକୋର୍ଟରେ ବିଚାରପତି ଭାବେ କାମ କରୁଥିବା ଜଷ୍ଟିସ ବର୍ମାଙ୍କ ଘରୁ ପୁଳାପୁଳା ଟଙ୍କା ମିଳିବା ପରେ ଦେଶର ନ୍ୟାୟିକ ବ୍ୟବସ୍ଥାକୁ ମଧ୍ୟ ପ୍ରଭାବିତ କରାଯାଇ ପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ସୁପ୍ରିମକୋର୍ଟ କଲେଜିୟମ ଟଙ୍କା ମିଳିବା ଘଟଣାକୁ ଗୁରୁତ୍ୱର ସହ ନେଇଛନ୍ତି। ଏଥିସହ ଜଷ୍ଟିସ ବର୍ମାଙ୍କୁ ପୂର୍ବ ପରି ଆହ୍ଲାବାଦକୁ ପଠାଇ ଦେଇଛନ୍ତି। ଦିଲ୍ଲୀ ହାଇକୋର୍ଟରେ ବିଚାରପତି ହେବା ପୂର୍ବରୁ ଜଷ୍ଟିସ ବର୍ମା ଆହ୍ଲାବାଦ ହାଇକୋର୍ଟରେ କାର୍ଯ୍ୟ କରୁଥିଲେ। ୨୦୨୧ରେ ତାଙ୍କୁ ଦିଲ୍ଲୀ ହାଇକୋର୍ଟକୁ ବଦଳି କରାଯାଇଥିଲା। ଖାଲି ସେତିକି ନୁହେଁ, ନ୍ୟାୟପାଳିକା ପ୍ରତି ଲୋକଙ୍କ ବିଶ୍ୱସନୀୟତା ବଜାୟୀ ରଖିବା ପାଇଁ କଲେଜିୟମ ଜଷ୍ଟିସ ବର୍ମାଙ୍କ ବିରୋଧରେ ତଦନ୍ତ ଆରମ୍ଭ କରିବା ପାଇଁ ବିଚାର କରୁଛନ୍ତି। ଏଥିସହ ତାଙ୍କୁ ନିଜ ତରଫରୁ ଇସ୍ତଫା ଦେବାକୁ ମଧ୍ୟ କୁହାଯାଇ ପାରେ। ନଚେତ ତାଙ୍କୁ ସଂସଦ ଦ୍ୱାରା ମହାଭିଯୋଗ ପ୍ରସ୍ତାବ ଆଣି ବିଚାରପତି ପଦରୁ ବହିଷ୍କାର ମଧ୍ୟ କରାଯିବ ବୋଲି ରିପୋର୍ଟ ପ୍ରକାଶ ପାଇଛି। ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନା ପ୍ରଥମେ ଘଟଣା ସମ୍ପର୍କରେ ରିପୋର୍ଟ ଦେବାକୁ ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କୁ କହିଛନ୍ତି। ଦିଲ୍ଲୀ ହାଇକୋର୍ଟରେ ବିଚାରପତି ଭାବେ କାମ କରୁଥିବା ଜଷ୍ଟିସ ବର୍ମାଙ୍କ ସରକାରୀ ବଙ୍ଗଳାରୁ ଗତ ସପ୍ତାହ ଅର୍ଥାତ ହୋଲି ଛୁଟି ବେଳେ ପୁଳାପୁଳା ଟଙ୍କା ମିଳିଥିଲା। ପ୍ରଥମେ ଜଷ୍ଟିସ ବର୍ମାଙ୍କ ସରକାରୀ ବଙ୍ଗଳାରେ ନିଆଁ ଲାଗି ଯାଇଥିଲା। ଏଥିରେ ବ୍ୟସ୍ତ ହୋଇ ସହର ବାହାରକୁ ଛୁଟି କାଟିବାକୁ ଯାଇଥିବା ବିଚାରପତିଙ୍କ ପରିବାର ଲୋକ ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଓ ପୋଲିସ୍ ମିଳିତ ଭାବେ ନିଆଁକୁ ଆୟତ୍ତ କରିଥିଲେ। ତେବେ ଏହାପରେ ହୋଇଥିବା ଯାଞ୍ଚ ବେଳେ ମିଳିଥିବା ଜନିଷ ସମସ୍ତଙ୍କୁ ଚକିତ କରିଥିଲା। ଜଷ୍ଟିସ ବର୍ମାଙ୍କ ସରକାରୀ ବଙ୍ଗଳାର ବିଭିନ୍ନ ରୁମରୁ ପୁଳାପୁଳା ଟଙ୍କା ମିଳିଥିଲା। ଏତେ ଟଙ୍କା ଜଣେ ବିଚାରପତିଙ୍କ ଘରକୁ କେମିତି ଆସିଲା, ତା'ହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ସେହିଭଳି ଏତେ ଟଙ୍କା ଆସିବାର ଉତ୍ସ ସମ୍ପର୍କରେ ଜଷ୍ଟିସ ବର୍ମା କୌଣସି ସୂଚନା ମଧ୍ୟ ଦେଇ ନାହାନ୍ତି। ଏହି ଖବର ସାମ୍ନାକୁ ଆସିବା ପରେ ପ୍ରଧାନ ବିଚାରପତି ଜଷ୍ଟିସ ସଞ୍ଜୀବ ଖାନା ତୁରନ୍ତ କଲେଜିୟମ ବୈଠକ ଡାକିଥିଲେ। ଏହି ବୈଠକରେ ସର୍ବସମ୍ମତି କ୍ରମେ ଜଷ୍ଟିସ ବର୍ମାଙ୍କୁ ଆହ୍ଲାବାଦ ହାଇକୋର୍ଟକୁ ବଦଳି ପାଇଁ ନିଷ୍ପତ୍ତି ହୋଇଥିଲା। ଜଷ୍ଟିସ ବର୍ମା ଏଯାଏ ଟଙ୍କା ମିଳିବା ଘଟଣା ଉପରେ କୌଣସି ପ୍ରକାରର ପ୍ରତିକ୍ରିୟା ଦେଇ ନାହାନ୍ତି। ସେହିପରି ସେ କୋର୍ଟ କାର୍ଯ୍ୟରେ ଯୋଗ ନଦେଇ ଛୁଟିରେ ଚାଲି ଯାଇଛନ୍ତି। ସୂତ୍ର ଅନୁସାରେ, ଜଜଙ୍କ ଘରୁ ଟଙ୍କା ମିଳିବା ଘଟଣା ଗୋଟିଏ ସମ୍ବେଦନଶୀଳ ପ୍ରସଙ୍ଗ ହୋଇଥିବାରୁ କଲେଜିୟର ସମସ୍ତ ୫ ସଦସ୍ୟ ଜଷ୍ଟିସ ବର୍ମାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରସ୍ତାବ ଦେଇଛନ୍ତି। ତାଙ୍କ ଯୋଗୁ ନ୍ୟାୟପାଳିକା ସମ୍ମାନରେ ଆଞ୍ଚ ଆସିଛି। ଲୋକଙ୍କ ନ୍ୟାୟ ପାଇବା ଉପରେ ପ୍ରଶ୍ନ ଉଠିଛି। ତେଣୁ କଲେଜିୟମ ବୈଠକରେ ଜଷ୍ଟିସ ବର୍ମାଙ୍କୁ ଇସ୍ତଫା ଦେବାକୁ କୁହାଯିବା ସମ୍ପର୍କରେ ଆଲୋଚନା ହୋଇଛି। ଯଦି ସେ ଇସ୍ତଫା ଦେବାକୁ ମନା କରନ୍ତି, ତା'ହେଲେ କଲେଜିୟମର କିଛି ସଦସ୍ୟ ତାଙ୍କ ବିରୋଧରେ ଆଭ୍ୟନ୍ତରୀଣ ତଦନ୍ତ ସପକ୍ଷରେ ମତ ରଖିଛନ୍ତି। ଏହା ସଂସଦ ଦ୍ୱାରା ତାଙ୍କୁ ବରଖାସ୍ତ କରାଯିବାର ପ୍ରଥମ ସୋପାନ ହେବ। ଦିଲ୍ଲୀ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଡିକେ ଉପାଧ୍ୟାୟ ଘଟଣାରେ ଗଭୀର ଚିନ୍ତା ପ୍ରକଟ କରିଛନ୍ତି। କୋର୍ଟରେ ଶୁକ୍ରବାର ବରିଷ୍ଠ ଆଇନଜୀବୀ ଅରୁଣ ଭରଦ୍ୱାଜ ଟଙ୍କା ମିଳିବା ଘଟଣା ଉପସ୍ଥାପନ କରିଥିଲେ। ଏହି ସମୟରେ ମୁଖ୍ୟ ବିଚାରପତି ଜଷ୍ଟିସ ଉପାଧ୍ୟାୟ କହିଛନ୍ତି ଯେ ଆଜିର ଘଟଣା ଆମ ସମସ୍ତଙ୍କୁ ଯନ୍ତ୍ରଣା ଦେଇଛି। ପ୍ରଶାସନ ପକ୍ଷରୁ ଦୟା କରି ଏମିତି କିଛି ପଦକ୍ଷେପ ନିଆଯାଉ, ଯାହା ଦ୍ୱାରା ଭବିଷ୍ୟତରେ ଯେମିତି ଏଭଳି ଘଟଣା ନ ଘଟିବ ଓ ନ୍ୟାୟ ବ୍ୟବସ୍ଥା ଅକ୍ଷୁଣ୍ଣ ରହିବ। ଘଟଣାଟି ସମସ୍ତଙ୍କୁ ଦୋହଲାଇ ଦେଇଛି। ୧୯୯୯ରେ ସୁପ୍ରିମକୋର୍ଟ ସାମ୍ବିଧାନିକ କୋର୍ଟର ବିଚାରପତିଙ୍କ ବିରୋଧରେ ଆସୁଥିବା ଦୁର୍ନୀତି, ବେଆଇନ କାର୍ଯ୍ୟ ଓ ନ୍ୟାୟିକ ଅନିୟମିତତା ଭଳି ଅଭିଯୋଗକୁ କେମିତି ବିଚାର କରାଯିବା, ତା'ର ଗାଇଡଲାଇନ ଜାରି କରିଥିଲେ। ଗାଇଡଲାଇନରେ କୁହାଯାଇଛି ଯେ ଜଜଙ୍କ ବିରୋଧରେ ଅଭିଯୋଗ ମିଳିବା ପରେ ପ୍ରଧାନ ବିଚାରପତି ପ୍ରଥମେ ଅଭିଯୁକ୍ତଙ୍କ ଠାରୁ ଜବାବ ତଲବ କରିବେ। ଯଦି ସେ ଜବାବରେ ସନ୍ତୁଷ୍ଟି ହୋଇ ପାରିଲେ ନାହିଁ କିମ୍ବା ଅଭିଯୋଗର ତଦନ୍ତ ହେବା ଆବଶ୍ୟକ ବୋଲି ଅନୁଭବ କରିବେ, ତା'ହେଲେ ସେ ଆଭ୍ୟନ୍ତରୀଣ କମିଟି ଗଠନ କରିପାରିବେ। ଏହି କମିଟରେ ଜଣେ ସୁପ୍ରିମକୋର୍ଟ ବିଚାରପତି ଓ ଦୁଇଟି ହାଇକୋର୍ଟର ମୁଖ୍ୟ ବିଚାରପତି • ପୃଷ୍ଠା ୭ ଦେଖନ୍ତୁ...

## ୨୪ରୁ ବିଏଡ୍,ଏମଏଡ୍, ବିଏଚ୍ଏଡ୍ ନାମଲେଖା ପ୍ରକ୍ରିୟା ଆରମ୍ଭ

ଭୁବନେଶ୍ୱର, ୨୧।୩ (ଡିକେ ନ୍ୟୁଜ୍): ଆଗାମୀ ଶିକ୍ଷାବର୍ଷ ୨୦୨୫-୨୬ ନିମନ୍ତେ ଦୁଇ ବର୍ଷିଆ ବିଏଡ୍/ଏମଏଡ୍/ବିଏଚଏଡ୍ ପାଠକ୍ରମରେ ନାମଲେଖା ପ୍ରକ୍ରିୟା ଶୀଘ୍ର ଆରମ୍ଭ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଆସନ୍ତା ୨୪ ତାରିଖରୁ କମନ୍ ଆପ୍ଲିକେସନ୍ ଫର୍ମ (ସିଏଏଫ୍) ପୂରଣ ପ୍ରକ୍ରିୟା ଆରମ୍ଭ ହେବ। ବିଗତ ବର୍ଷ ଭଳି ୨୦୨୫-୨୬ ପାଇଁ ମଧ୍ୟ ଦୁଇ ବର୍ଷିଆ ବିଏଡ/ ଏମଏଡ/ ବିଏଚଏଡ ପାଠକ୍ରମରେ ନାମଲେଖା ଏବଂ ଚୟନ ପ୍ରକ୍ରିୟା • ପୃଷ୍ଠା ୭ ଦେଖନ୍ତୁ...